# NATIONAL NEWS BULLETIN (ODIA)

**16 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ଏବଂ ୭ଟି ରାଜ୍ୟର ୮ଟି ବିଧାନସଭା ଉପନିର୍ବାଚନରେ ଜାରି ରହିଛି ଭୋଟ ଗଣତି ।

  – ଜାମ୍ମୁ କାଶ୍ମୀରର ନାଗ୍ରୋଟା ଆସନକୁ ଅକ୍ତିଆର କଲା ବିଜେପି ।

- ବିଶାଖାପାଟଣାଠାରେ ଆୟୋଜିତ ୩୦ତମ ସିଆଇଆଇ ସହଭାଗୀ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଉପରାଷ୍ଟ୍ରପତି ।

- ଆସନ୍ତାକାଲି ଗୁଜୁରାଟ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ବେରୁଟ୍‌ସ୍ଥିତ ଦୂତାବାସ ପକ୍ଷରୁ ଅନ୍ତର୍ଜାତୀୟ ଗୀତା ମହୋତ୍ସବ ଆୟୋଜିତ ।

ଏବଂ

- ଏସୀୟ ତୀରନ୍ଦାଜ ଚମ୍ପିଆନସିପ୍ ପ୍ରତିଯୋଗିତାରେ ରିକର୍ଭ ପୁରୁଷ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କଲା ଭାରତ ।

# ବିହାର ପଲିଟିକାଲ

ବିହାରରେ ନବନିର୍ବାଚିତ ଏନ୍‌ଡିଏ ନେତୃତ୍ୱାଧୀନ ସରକାର ଗଠନ ନେଇ ରାଜନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଛି । ବିଭିନ୍ନ ଦଳ ସହିତ ବୈଠକ ପରେ ପାଟ୍‌ନାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି । ଅନେକ ବରିଷ୍ଠ ଏନ୍‌ଡିଏ ନେତା ମୁଖ୍ୟମନ୍ତ୍ରୀ ଶ୍ରୀ କୁମାରଙ୍କୁ ଭେଟି ପରବର୍ତ୍ତୀ ସରକାର ଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ଅଧ୍ୟକ୍ଷ ଉପେନ୍ଦ୍ର କୁଶୱାହ ନୀତିଶ କୁମାରଙ୍କୁ ସାକ୍ଷାତ୍ କରିଛନ୍ତି । ଏନ୍‌ଡିଏର ମେଣ୍ଟଭୁକ୍ତ ଦଳଗୁଡ଼ିକର ବିଧାୟକଦଳ ବୈଠକ ଆଜି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ବିଧାୟକ ଦଳ ନେତାଙ୍କର ଚୟନପ୍ରକ୍ରିୟା ଆଜି ଶେଷ ହେବା ନେଇ ଆଶା କରାଯାଉଛି । ଜେଡିୟୁର ଆଜି ବିଧାୟକଦଳ ବୈଠକ ହେବାର ସମ୍ଭାବନା ଥିବାରୁ ସମସ୍ତ ୮୫ଜଣ ନବନିର୍ବାଚିତ ବିଧାୟକଙ୍କୁ ପାଟ୍‌ନା ଡକାଯାଇଛି । ଅନ୍ୟପକ୍ଷରେ ବିଜେପିର ନବନିର୍ବାଚିତ ବିଧାୟକ ଦଳ ବୈଠକ ଆସନ୍ତା କାଲି ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।

ଏନ୍‌ଡିଏ ମେଣ୍ଟର ସମସ୍ତ ଦଳଗୁଡ଼ିକ ନିଜର ପୃଥକ୍ ପୃଥକ୍ ବୈଠକରେ ବିଧାୟକ ଦଳ ନେତାଙ୍କୁ ଚୟନ କରିବା ପରେ ଏନ୍‌ଡିଏ ବିଧାୟକ ଦଳର ନୂତନ ନେତା ବାଛିବା ପାଇଁ ମିଳିତ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏହାପରେ ନବନିର୍ବାଚିତ ବିଧାୟକଙ୍କ

ସମର୍ଥନ ପତ୍ର ସହିତ ଏନ୍‌ଡିଏ ପକ୍ଷରୁ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଚଳିତ ସରକାରଙ୍କ କ୍ୟାବିନେଟ୍‌ର ଶେଷ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ହାଇଦ୍ରାବାଦ ଭାଇସ୍ ପ୍ରେଜ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ସଂଧ୍ୟାରେ ହାଇଦ୍ରାବାଦଠାରେ ରାମୋଜି ସିଟିଠାରେ ରାମୋଜୀ ଏକ୍ସଲେନ୍ସ ଆୱାର୍ଡ-୨୦୨୫ ସମାରୋହରେ ଯୋଗଦେବେ । ଉପରାଷ୍ଟ୍ରପତି ବେଗୁମପେଟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି । ସମାରୋହରେ ଅଂଶଗ୍ରହଣ କରି ଉପରାଷ୍ଟ୍ରପତି ଆଜି ରାତିରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେସ୍ ଡେ

ଜାତୀୟ ପ୍ରେସ୍ ଦିବସ ଆଜି ସାରା ଦେଶରେ ପାଳିତ ହେଉଛି । ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରେସ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରେସ୍ ମୁକ୍ତ, ଦାୟିତ୍ୱବାନ ଓ ନୈତିକତା ଆଧାରରେ ତା'ର ନିରପେକ୍ଷ କାର୍ଯ୍ୟ ତୁଲାଇ ଆସୁଛି । ୧୯୬୬ ମସିହା ଆଜିର ଦିନରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ହୋଇ ଗଣମାଧ୍ୟମର ଏକ ସ୍ୱାଧୀନ ନୈତିକ ଜାଗ୍ରତ ପ୍ରହରୀ ଭାବେ ତା'ର କାର୍ଯ୍ୟ କରିଆସୁଛି । ଏହି ଦିବସ ଅବସରରେ ଆଜି ଉତ୍କର୍ଷତା ପାଇଁ ବହୁ ଜାତୀୟ ପୁରସ୍କାର ପ୍ରଦାନ ସହ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହେଉଛି । ସୂଚନାଯୋଗ୍ୟ, ଗଣମାଧ୍ୟମର ପରିସର ଇତିମଧ୍ୟରେ ବେସ୍ ପ୍ରଶସ୍ତ ହୋଇଛି । ୨୦୦୪ ସୁଦ୍ଧା ପ୍ରକାଶନ

ସଂଖ୍ୟା ୬୦ହଜାର ଥିବାବେଳେ ୨୦୨୪-୨୫ ସୁଦ୍ଧା ଏହି ହାର ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଥିବା ଜଣାଯାଇଛି । ସମ୍ପ୍ରତି କେତେକ ସଂସ୍କାର ଫଳରେ ପ୍ରକାଶନ ଓ ପତ୍ରପତ୍ରିକା ପଞ୍ଜିକରଣ ଆଇନ୍ ୨୦୨୩କୁ କାର୍ଯ୍ୟକାରୀ କରିବାକୁ ଏକ ଡିଜିଟାଲ ପ୍ରେସ୍ ସେବା ପୋର୍ଟାଲ ପ୍ରଚଳନ କରାଯାଉଛି । ଏ ସମ୍ପର୍କରେ ପ୍ରଫେସର ଆନନ୍ଦ ପ୍ରଧାନ, ଆଞ୍ଚଳିକ ନିର୍ଦ୍ଦେଶକ, ଭାରୀତୟ ଦୂରସଞ୍ଚାର ସଂସ୍ଥାନ ଢେଙ୍କାନାଳ କହିଛନ୍ତି...

**V/O**

## ଛତିଶଗଡ ମାଓଇଷ୍ଟ ଏନ୍‌କାଉଣ୍ଟର

ଛତିଶଗଡର ସୁକୁମା ଜିଲ୍ଲାରେ ଆଜି ସଶସ୍ତ୍ରବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଫଳରେ ୩ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୨ଜଣ ମହିଳା ବିଦ୍ରୋହୀ ଥିବା ଜଣାପଡିଛି । ପୋଲିସ ସୂଚନା ଅନୁସାରେ ଏକ ଜିଲ୍ଲାସ୍ତରୀୟ ରିଜର୍ଭ ଗାର୍ଡ ତୁମାଲ ପଦ ଅଞ୍ଚଳରେ ଖାନତଲାସୀ ଅଭିଯାନ ଜାରି ରହିଛି । ମାଓବାଦୀ ଏବଂ ସଶସ୍ତ୍ରବାହିନୀ ମଧ୍ୟରେ ଗୁଳିବିନିମୟ ଆଜି ସକାଳରୁ ଜାରି ରହିଛି । ଘଟଣାସ୍ଥଳରୁ ଅଦ୍ୟାବଧି ୩ଜଣ ମାଓବାଦୀଙ୍କର ମୃତଦେହ ଉଦ୍ଧାର କରାଯାଇଛି । ମାଓବାଦୀମାନଙ୍କୁ ଧରିବା ନିମନ୍ତେ ସରକାର ୧୫ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ । ସୁରକ୍ଷା ବାହିନୀ ଅଧିକାରୀମାନେ ମାଓବାଦୀଙ୍କ ଠାରୁ ଗୋଟିଏ ରାଇଫଲ, ଲଞ୍ଚର୍ସ ଏବଂ ଅନ୍ୟାନ୍ୟ ବିସ୍ଫୋରକ ଦ୍ରବ୍ୟ ଘଟଣାସ୍ଥଳରୁ ଜବତ କରିଥିଲେ । ବସ୍ତର ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ ସୁନ୍ଦରରାଜ ପି. କହିଛନ୍ତି ଗୁଇନ୍ଦା ଖବର ପାଇବା ମାତ୍ରେ ପୁଲିସ ଏବଂ ସଶସ୍ତ୍ରବାହିନୀ ସଂପୃକ୍ତ ଅଞ୍ଚଳକୁ ଘେରାଉ କରିଥିଲେ । ଖାନତଲାସୀ ଅଭିଯାନ ଜାରି ରହିଛି ।

## ଜିତେନ୍ଦ୍ର ସିଂହ-ଜାମ୍ମୁ

କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଜାମ୍ମୁକାଶ୍ମୀରର କେତେକ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଅନ୍ୟ କେତୋଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଡକ୍ଟର ସିଂହ ୯୨୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ନୂତନ ପିଏମ୍‌ଜିଏସ୍‌ୱାଇ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଉଦ୍ଧମପୁର-କାଠୁଆ-ଡୋଡା ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାୟ ୮୭କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି । ଗ୍ରାମୀଣ ସଡ଼କ ବିକାଶ କ୍ଷେତ୍ରରେ ଉଦ୍ଧମପୁର ଦେଶର ଶ୍ରେଷ୍ଠ ୩ଟି ଜିଲ୍ଲା ମଧ୍ୟରେ ସ୍ଥାନ ପାଇଛି । ଡକ୍ଟର ସିଂହଙ୍କ ଦ୍ୱାରା ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଗ୍ରାମ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

## ଇଣ୍ଡିଆନ ଆମ୍ବାସଡର

ଲିସବନ୍‌ରେ ଆୟୋଜିତ କୂଟନୈତିକ ବଜାର ୨୦୨୫ରେ ଭାରତର ପ୍ରଦର୍ଶନୀ ମଣ୍ଡପକୁ ପର୍ତ୍ତୁଗାଲର ରାଷ୍ଟ୍ରପତି ମାର୍ସେଲୋ ରେବେଲୋ ଡି ସୌସା ପରିଦର୍ଶନ କରିଛନ୍ତି । ଭାରତୀୟ ରାଷ୍ଟ୍ରଦୂତ ପୁନିତ ରାୟ କୁଣ୍ଡଲ ତାଙ୍କୁ ପ୍ରଦର୍ଶନୀ ମଣ୍ଡପଠାରେ ସ୍ୱାଗତ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପର୍ତ୍ତୁଗାଲସ୍ଥିତ ଭାରତୀୟ ଦୂତାବାସ କହିଛି ଏହି ପ୍ରଦର୍ଶନୀ ମଣ୍ଡପ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳନ କରୁଛି । ଭାରତ ଏବଂ ପର୍ତ୍ତୁଗାଲ ମଧ୍ୟରେ ୫୦ବର୍ଷର କୂଟନୈତିକ ସମ୍ପର୍କ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଦୂତାବାସ କହିଛି ଗତ ୫ ତାରିଖରେ ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ପଞ୍ଚମ

ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ଲୋକସମ୍ପର୍କ ନେଇ ଏହି ବୈଠକରେ ବିସ୍ତୃତ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ପ୍ରତିରକ୍ଷା, ନବୀକରଣୀୟ ଶକ୍ତି, କୃଷି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଜଣାପଡିଛି । ଭାରତ ୟୁରୋପୀୟ ସଂଘ ସମ୍ପର୍କ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟପକ୍ଷ ଆଲୋଚନା କରିଥିଲେ । ସୂଚାବାସ କହିଛି ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମଞ୍ଚରେ ଦ୍ୱିପାକ୍ଷିକ ସମନ୍ୱୟ ମାଧ୍ୟମରେ ପ୍ରତିବଦ୍ଧତାର କାର୍ଯ୍ୟ କରିବାକୁ ଭାରତ ଏବଂ ପର୍ତ୍ତୁଗାଲ ସହମତ ହୋଇଛନ୍ତି ।

## ୱାର୍ଲ୍ଡ ବକ୍ସିଂ କପ୍

ଉତ୍ତରପ୍ରଦେଶର ଗ୍ରେଟର ନୋଏଡାରେ ଆଜିଠାରୁ ବିଶ୍ୱ ବକ୍ସିଂ କପ୍ ଫାଇନାଲ ପ୍ରତିଯୋଗିତା ଆରମ୍ଭ ହୋଇଛି । ସହିଦ ବିଜୟ ସିଂହ ପଥିକ ସ୍ପୋର୍ଟ୍ସ କମ୍ପେକ୍ସ ଠାରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲି । ସଂଧ୍ୟା ୬ଟାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ତେବେ ମ୍ୟାଚ୍‌ଗୁଡ଼ିକ ଅପରାହ୍ଣ ୨ଟାରୁ ଆରମ୍ଭ ହେବ । ବ୍ରାଜିଲ, ପୋଲାଣ୍ଡ ଏବଂ କାଜାଖସ୍ତାନରେ ପୂର୍ବରୁ ଅନୁଷ୍ଠିତ ତିନୋଟି ବିଶ୍ୱକପ୍ ପର୍ଯ୍ୟାୟ ପରେ ବିଶ୍ୱକପ୍ ଫାଇନାଲ ହେଉଛି ବିଶ୍ୱ ବକ୍ସିଂକପ୍ ସିରିଜ୍ ୨୦୨୫ର ଅନ୍ତିମ ପର୍ଯ୍ୟା । ପ୍ରତିଯୋଗିତାରେ ୧୮ଟି ଦେଶରୁ ପ୍ରାୟ ୧୩୦ଜଣ ବକ୍ସର ଅଂଶଗ୍ରହଣ କରୁଛନ୍ତି । ୨୦ଟି ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ବର୍ଗରେ ୮ ଜଣ ଶ୍ରେଷ୍ଠ ମୁଷ୍ଟିଯୋଦ୍ଧା ଅଂଶଗ୍ରହଣ କରୁଛନ୍ତି । ଆୟୋଜକ ଭାରତ ସମସ୍ତ ୨୦ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛି ।

# କ୍ରିକେଟ୍

ଇଡେନ୍ ଗାର୍ଡେନ୍ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରହିଛି । ଦକ୍ଷିଣ ଆଫ୍ରିକା ଆଜି ଗତକାଲିର ସ୍କୋର୍ ୭ ଓ୍ୱିକେଟ୍‌ରେ ୯୩ରନ୍‌ରୁ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିଲା । ସମସ୍ତ ଓ୍ୱିକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା । ୧୨୪ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୬ ଓ୍ୱିକେଟ୍ ବିନିମୟରେ ୭୨ ରନ୍ ସଂଗ୍ରହ କରିଥିଲା । ଏହି ଟେଷ୍ଟ ମ୍ୟାଚ୍ ଜିତିବା ପାଇଁ ଭାରତ ଆଉ ୫୨ ରନ୍ ଆବଶ୍ୟକ କରୁଥିବାବେଳେ, ଦକ୍ଷିଣ ଆଫ୍ରିକା ୪ଟି ଓ୍ୱିକେଟ୍ ଆବଶ୍ୟକ କରୁଛି ।